ଧରିତ୍ରୀ
DHARITRI
ରବିବାର, ୩୦ ଅଗଷ୍ଟ, ୨୦୨୦

**୧୭ ପଞ୍ଚାୟତ ପାଣିଘେରରେ**

ଭୋଗରାଇ, (ଡି.ଏନ.ଏ.): ସୁବର୍ଣ୍ଣରେଖା ବନ୍ୟାରେ ଭୋଗରାଇ ବ୍ଲକର ୧୭ ପଞ୍ଚାୟତର ଲକ୍ଷାଧିକ ଲୋକ ପାଣିଘେରରେ ରହିଛନ୍ତି। ବନ୍ୟା ଛାଡୁଥିବା ବେଳେ ବାହ୍ୟଜଗତରୁ ଏବେ ବି ବହୁ ଗାଁ ବିଚ୍ଛିନ୍ନ ହୋଇଛି। ଭୋଗରାଇ ଧୋୟା ଅଞ୍ଚଳରେ ଅଧିକାଂଶ ଘର ଭିତରେ ପାଣିଜମି ରହିଥିବାରୁ ଲୋକଙ୍କ ଚୁଲି ତିନି ଦିନ ହେଲା ଲାଗି ନାହିଁ। ଲୋକେ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି। ଶନିବାର ଅପରାହ୍ନରେ ବନ୍ୟାରେ ଭାସିଯାଇ ଭୋଗରାଇ ଥାନା ଅଧୀନ ରଣକଠା ଗ୍ରାମର ଚାଷୀ ଅତୁଳ ଚନ୍ଦ୍ର ମଣ୍ଡଳ (୫୭)ଙ୍କ ମୃତ୍ୟୁ ଘଟିଛି। ଏନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୦) ରୁଜୁ ହୋଇଛି।



## ସଂକ୍ଷେପରେ

### କୋଭିଡ୍ ନିୟମକୁ ଉଲ୍ଲଂଘନ କରି ବସିଲା ହାଟ

**ପାଟଣା, ୨୯।୮ (ସ୍ୱ.ପ୍ର.):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ କରୋନା ମୁକାବିଲା ସକାଶେ ବିଭିନ୍ନ ଗାଇଡ ଲାଇନ ପ୍ରସ୍ତୁତ କରାଯାଥିବା ବେଳେ କେତେକ ଅମାନିଆ ଲୋକ ଏହାର ଉଲ୍ଲଂଘନ କରିଛନ୍ତି। କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ବଡ଼ପାଟଣା ପଞ୍ଚାୟତ ହାଟ ତୋଟାରେ ଶନିବାର ସକାଳେ ଓ ମୁରୁସୁଆଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଅପରାହ୍ନରେ କୋଭିଡ ଆଇନକୁ ଭାଙ୍ଗି ସାପ୍ତାହିକ ପରିବା ବଜାର ବସିଥିବା ଦେଖିବାକୁ ମିଳିଥିଲା। ନାଁ ଏଥିରେ ସାମାଜିକ ଦୂରତା ଅଲମ୍ବନ କରାଯାଉଥିଲା ନାଁ କେହି ମାସ୍କ ପରିଧାନ କରିଥିଲେ। ସରକାର ସଂକ୍ରମଣକୁ ରୋକିବାକୁ ଯେତେ ଚେଷ୍ଟା କଲେ ମଧ ବିଫଳ ହେଉଛନ୍ତି ଏହାଦ୍ୱାରା କେନ୍ଦୁଝରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଭଣ୍ଡାରିପୋଖରୀ, ୨୯।୮ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବରାହ ନୂଆପଡା ଗ୍ରାମର ୧୯ବର୍ଷୀୟ ଯୁବକ ଶୁକ୍ରବାର ଅପରାହ୍ନ ୩ଟାରେ ବନ୍ୟା ଜଳରେ ଭାସି ନିଖୋଜ ହୋଇଯାଇଥିଲେ। ଭଣ୍ଡାରିପୋଖରୀ ଦମକଳ ଓ ଏନ୍‌ଡିଆର୍‌ଏଫ ଟିମ୍ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ସକାଳ ୧୦ଟାରେ ଏନ୍‌ଡିଆରଏଫ ଟିମ୍ ମୃତ ଯୁବକ ଭାସିଥିବା ସ୍ଥାନରୁ ପ୍ରାୟ ୧୦୦ମିଟର ଦୂରରୁ ଖୋଜି ଉଦ୍ଧାର କରିଥିଲେ। ରାସ୍ତାରେ ବନ୍ୟା ପାଣି ଚାଲିଥିବାରୁ ମୃତ ସଂଜୀବଙ୍କ ମୃତଦେହକୁ ଯାଜପୁର ଡାକ୍ତରଖାନା ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ବୁଢାବଳଙ୍ଗରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ବାରିପଦା ଅଫିସ, ୨୯।୮:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଳଭଦ୍ରପୁର ଗ୍ରାମ ଦେଇ ପ୍ରବାହିତ ବୁଢାବଳଙ୍ଗ ନଦୀର ଦୋମୁହାଣି ଠାରେ ଏକ ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବାରିପଦା ସଦର ଥାନା ଅଧୀନ କୁଣ୍ଡରା ଗ୍ରାମର ୭୦ବର୍ଷୀୟ ବୃଦ୍ଧା ବନିତା ମହାନ୍ତ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୪ ଟିପର୍ ଜବତ

**ବାରିପଦା ଅଫିସ, ୨୯।୮:** ମୟୂରଭଞ୍ଜ ଜିଲା ବାଙ୍ଗରିପୋଷି ବାଇପାସ୍ ରାସ୍ତାରେ ଚୋରା ଚାଲାଣ ହେଉଥିବା ୪ଟି ଟିପ୍ପରକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିବେକାନନ୍ଦ ସାହୁ ଶନିବାର ଜବତ କରିଛନ୍ତି। ଜବତ ପ୍ରତି ଟିପ୍ପରରୁ ୫୦ହଜାର ୨୪୦ଟଙ୍କା ଲେଖାଏଁ ମୋଟ ୨ଲକ୍ଷ ୯୬୦ ଟଙ୍କା ଜରିମାନା ଓ ରୟାଲଟି ବାବଦରେ ଆଦାୟ କରାଯାଇଛି। ବେଆଇନ ଖାଦାନରୁ ବାଲି ବୋଝେଇ ହୋଇ ଯାଉଥିବା ୪ ଟିପ୍ପରକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରିଥିଲେ।

### ବନ୍ୟାଞ୍ଚଳ ବୁଲିଲେ ମନମୋହନ

**ଆରଡି, ୨୯।୮ (ଡି.ଏନ.ଏ.):** ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଓଳଗ, ସୁନ୍ଦରପୁର, ଆରଡି, ନାନ୍ଦପୁର ଆଦି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ବନ୍ୟାଞ୍ଚଳ ବୁଲି ଦେଖିଥିଲେ। ପୂର୍ବ ବନ୍ୟାକୁ ମିଶାଇ ଇତିମଧ୍ୟରେ ୮ ଦିନ ବିତିଯାଇଥିଲେବି ପ୍ରଶାସନିକ ତତ୍ପରତା ପ୍ରକାଶ ନ ପାଇବା ଉଦ୍‌ବେଗର ବିଷୟ ବୋଲି ମନମୋହନ କହିଥିଲେ। ତୁରନ୍ତ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ୧୦ ଦିନର ରିଲିଫ ଯୋଗାଇବା ସହ ଗୋଖାଦ୍ୟ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ତଳିଆ ଅଞ୍ଚଳରେ ସୁଧୁରିନି ବନ୍ୟା ପରିସ୍ଥିତି

**ଭଦ୍ରକ ଅଫିସ, ୨୯।୮**



ଜଣେ ଗର୍ଭବତୀଙ୍କୁ ଉଦ୍ଧାର କରି ଅଣାଯାଉଛି।

ଭଦ୍ରକ ଜିଲାରେ ତୃତୀୟ ଲଘୁଚାପଜନିତ ବର୍ଷା ୪ଟି ବ୍ଲକ ପାଇଁ କାଳ ସାଜିଛି। ମୁଖ୍ୟତଃ ବୈତରଣୀ ଅାଁରେ ଅଧିକାଂଶ ଗାଁଗଣ୍ଡା ପ୍ରଭାବିତ ହୋଇଛି। ସାଳନ୍ଦୀ, ରେବ, କପାଳୀ, ଗେଙ୍ଗୁଟି, ମନ୍ତେଇ, ଗମେଇ, କାଂଶବାଂଶ, ରିକେଟ୍ କେନାଲ, ଦୁସୁନ୍ଦା ନାଳ ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ପାଇଁ କାଳ ସାଜିଛି। ଏସବୁ ବ୍ଲକର ତଳିଆ ଅଞ୍ଚଳରୁ ବନ୍ୟାଜଳ ଛାଡ଼ି ନ ଥିବା ଜଣାଯାଇଛି। ଗାଁଗୁଡ଼ିକ ବନ୍ୟାପାଣି ଘେରରେ ରହିଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇରହିଛି।

ଭଣ୍ଡାରିପୋଖରୀ ବ୍ଲକର ୯ଟି ପଞ୍ଚାୟତର ୪୧ଟି ଗାଁ ବନ୍ୟାଜଳରେ ପ୍ରଭାବିତ ହୋଇଛି। ଧାମନଗରର ୨୦ଟି ପଞ୍ଚାୟତର ୭୨ଟି ଗାଁ, ତିହିଡ଼ିର ୯ଟି ପଞ୍ଚାୟତର ୩୧ଟି ଗାଁ, ଚାନ୍ଦବାଲିର ୧୦ଟି ପଞ୍ଚାୟତର ୫୫ଟି ଗାଁ, ବାସୁଦେବପୁରର ୧୧ଟି ପଞ୍ଚାୟତର ୩୭ଟି ଗାଁ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଜିଲା ପ୍ରଶାସନ ପ୍ରାଥମିକ ଆକଳନ କରିଛି। ଅଧିକାଂଶ ବ୍ଲକରେ ଚାଳଘରଗୁଡ଼ିକ ଭାଙ୍ଗି ଭୂଇଁରେ ଲୋଟିପଡ଼ିଛି। ଗୁହାଳ ଓ ଚାରଣ ଭୂମି ବନ୍ୟା ପାଣିଘେରରେ ଥିବାରୁ ଗୃହପାଳିତ ପ୍ରାଣୀମାନେ ଏବେ ରାଜରାସ୍ତାରେ ବୁଲୁଛନ୍ତି। ପ୍ରଶାସନ ପକ୍ଷରୁ ଯଦିଓ ରନ୍ଧାଖାଦ୍ୟ କରାଯାଇଛି କିନ୍ତୁ ଅଧିକାଂଶ ପାଣିଘେରରେ ଥିବା ଗାଁଗୁଡ଼ିକରେ ରନ୍ଧାଖାଦ୍ୟ ବ୍ୟବସ୍ଥା ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ସମେତ ପ୍ରଶାସନ, ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗର ୨୩ଟି ବୋଟ୍ ଉଦ୍ଧାର କାର୍ଯ୍ୟରେ ଲାଗିଛି। ଠିକ୍ ଆକଳନ କରାଯାଇ ନ ଥିଲେ ମଧ ଉପରୋକ୍ତ ଗାଁଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଗାଁ ପାଣିଘେରରେ ରହିଛି। ଯାଜପୁର ଟାଉନ, ଆରଡ଼ି, ଧୂଷୁରୀ, ଦୋବଲ, ଆରଡ଼ି–ଯାଜପୁର, ଭଦ୍ରକ–ଆରଡ଼ି, ଆରଡ଼ି–

### କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ମତୋ, ଆରଡ଼ି–ତିହିଡ଼ି, ବେତାଳିଗାଁ–ତିହିଡ଼ି, ତିହିଡ଼ି ତଳଗୋପବିନ୍ଧା, ବୋଡ଼କ, ନୂଆସାହି, ଅମରପୁର, ବାରସର, ବାରୁଅ, ଶ୍ୟାମସୁନ୍ଦରପୁର, ଗୋବିନ୍ଦପୁର ଆଦି ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇରହିଛି। ଯଦିଓ ବୈତରଣୀ ଆଖୁଆପଦା ଆନିକଟ ନିକଟରେ ବିପଦସଙ୍କେତଠାରୁ ତଳେ ବନ୍ୟାଜଳ ପ୍ରବାହିତ ହେଉଛି କିନ୍ତୁ ତଳିଆ ଅଞ୍ଚଳର ଅବସ୍ଥା ଗମ୍ଭୀର ହେବାରେ ଲାଗିଛି। ବାସୁଦେବପୁର ବ୍ଲକରେ ଯଦିଓ କୌଣସି ଗାଁ ପାଣିଘେରରେ ନାହିଁ କିନ୍ତୁ ଚାଷଜମି ବେଶି ପ୍ରଭାବିତ ହୋଇଛି। ଚାନ୍ଦବାଲି ବ୍ଲକର ମାଧପୁର, ଭୂଇଁବୃତ୍ତି, ଘଟପୁର, ତେନ୍ତୁଳିଡିହ, ଖେରଙ୍ଗ, ନାଳଗୁଣ୍ଡା, ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ପଞ୍ଚାୟତର ୫୫ଟି ଗାଁର ୬୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୮ଟି ଘର ଭୂଇଁରେ ମିଶିଯାଇଛି। ବାସୁଦେବପୁର ବ୍ଲକର ୧୧ଟି ପଞ୍ଚାୟତର ୩୭ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ୨୧୩୭ ହେକ୍ଟର ଚାଷଜମିରେ ବନ୍ୟାପାଣି ମାଡ଼ି ରହିଛି। ୫୬୮ହେକ୍ଟର ଚାଷଜମି ସମ୍ପୂର୍ଣ୍ଣ କ୍ଷତି ହୋଇଛି। ମୋଟ ୭୭ଟି ଘର ମଧ୍ୟରୁ ୭୫ଟି ଆଂଶିକ କ୍ଷତି ହୋଇଥିବା ବେଳେ ଦୁଇଟି ଘର ସମ୍ପୂର୍ଣ୍ଣ ଧରାଶାୟୀ ହୋଇଛି। ମୁଖ୍ୟତଃ ବାସୁଦେବପୁର ବ୍ଲକର ମନ୍ତେଇ, ଗମେଇ, କାଂଶବାଂଶ, ରିକେଟ୍ କେନାଲ, ଦୁସୁନ୍ଦା ନାଳ ବନ୍ୟା ପାଣି ଫୁଲି ରହିଥିବାରୁ ଚାଷଜମି ପ୍ରଭାବିତ ହୋଇଥିବା ସ୍ଥାନୀୟ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ନାଳଗୁଡ଼ିକ ପୋତି ହୋଇ ରହିଥିବା, ଉପଯୁକ୍ତ ସମୟରେ ପୁନରୁଦ୍ଧାର ନ କରାଯିବା ଓ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବାରୁ ବାସୁଦେବପୁର ଅଞ୍ଚଳବାସୀ ସମସ୍ୟା ଭୋଗୁଥିବା କୁହାଯାଉଛି। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ଜିଲାରେ କ୍ଷୟକ୍ଷତି ଆକଳନ ପାଇଁ ୧୦ଟି ସ୍ୱତନ୍ତ୍ର ଟିମ୍ ବ୍ୟତୀତ ତହସିଲଦାର, ବିଡିଓ ଓ ବିଭାଗୀୟ ଅଧିକାରୀମାନେ ନିୟୋଜିତ ଥିବା ସୂଚନା ଦେଇଛନ୍ତି। ଠିକ୍ ଆକଳନ ପରେ ରିଲିଫ୍ କୋର୍ଡ଼ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ବନ୍ୟାଞ୍ଚଳ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

**ବାଲିଆପାଳ, ୨୯।୮ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ସ୍ଥିତି ସଙ୍ଗୀନ ରହିଛି। ସୁବର୍ଣ୍ଣରେଖାର ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ବାଲିଆପାଳ ଅଞ୍ଚଳକୁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବୁଲି ଦେଖିବା ସହିତ ବ୍ଲକ ପ୍ରଶାସନ ସହିତ ସମୀକ୍ଷା କରିଛନ୍ତି ଶନିବାର ଅପରାହ୍ନରେ ଷଡ଼ଙ୍ଗୀ ବାଲିଆପାଳ ପରିଦର୍ଶନରେ ଆସି ପ୍ରଥମେ ବ୍ଲକ ପ୍ରଶାସନ ସହିତ ବାଲିଆପାଳ ଡାକବଙ୍ଗଳା ପରିସରରେ ବାଲିଆପାଳ ବ୍ଲକର କ୍ଷୟ କ୍ଷତି ବିଷୟରେ ପଚାରି ବୁଝିଥିଲେ। ଏବଂ ତୁରନ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ ସବୁପ୍ରକାର ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରେ ବିଡିଓ, ତହସିଲଦାର ଦୀପକ ଦାଶ, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଜୟକୃଷ୍ଣ ବେହେରା ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଶୁଭଙ୍କର ମହାପାତ୍ର, ସତ୍ୟଜିତ ମିଶ୍ର, ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଷଡ଼ଙ୍ଗୀ ପାୱାର ବୋଟରେ ଚଉଧୁରୀକୁଦ, ଚଡବସ୍ତ କାଳରୁଇ, ଜାମକୁଣ୍ଡା ଇତ୍ୟାଦି ପରିଦର୍ଶନ କରି ଫେରିଯାଇଛନ୍ତି।

## ବନ୍ୟାପାଣିରେ ପଶି ବୋହି ଆଣିଲେ ମୃତଦେହ

**ଭଦ୍ରକ ଅଫିସ, ୨୯।୮**

ଭଦ୍ରକ ଜିଲା ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତ ଦକ୍ଷିଣ କୁରୁଆ ଗାଁର ହେମନ୍ତ ଯେନା ପାଣିରେ ଭାସିଯାଇଥିଲେ। ଓଡ୍ରାଫ୍ ଟିମ ଆସି ନ ପାରିବାରୁ ଶନିବାର ସକାଳେ ଗାଁ ଲୋକେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ଚାରିଆଡ଼େ ପାଣି ଥିବାରୁ ଟ୍ରଲି କି ଆମ୍ବୁଲାନ୍ସ ବା କୌଣସି ଗାଡ଼ି ଆସିପାରିଲା ନାହିଁ। ଶେଷରେ ଗାଁ ଲୋକେ ମୃତଦେହକୁ ଦକ୍ଷିଣ କୁରୁଆରୁ ଖଡ଼ିପଦା, ଖଡ଼ିପଦାରୁ ଦୋବଲ ପାର କରି ଧାମନଗର ଆଣିଥିଲେ। ପରେ ଧାମନଗର କଲେଜ ପାଖରୁ ମୃତଦେହ ବ୍ୟବଚ୍ଛେଦ ଲାଗି ଆମ୍ବୁଲାନ୍ସରେ ଭଦ୍ରକ ନିଆଯାଇଥିଲା।

## ୫୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

**ଢେଙ୍କିକୋଟ, ୨୯।୮ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକର ୮ଟି ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ଠାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ସଭାରେ ୮ନଂ ଜୋନ ଜିଲା ପରିଷଦ ସଦସ୍ୟା ସୁମିତ୍ରା ମହାନ୍ତ, ଢେଙ୍କିକୋଟ ସରପଞ୍ଚ ଗୌରୀ ବାରିକ, ଘଟଗାଁ ବ୍ଲକ ଅତିରିକ୍ତ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହିକାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ତେବେ କୋଭିଡ କଟକଣାକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା।

## ବନ୍ୟାରେ ଭାସିଯାଇ ଯୁବକଙ୍କ ମୃତ୍ୟୁ

**ବାଲିଆପାଳ, ୨୯।୮ (ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜଳକା ବନ୍ୟାରେ ଭାସିଯାଇ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଆପାଳ ବ୍ଲକ ବୋଳଙ୍ଗ ଗ୍ରାମର ଅରବିନ୍ଦ ମହାନ୍ତି(୨୩)। ଶନିବାର ସକାଳେ ଅରବିନ୍ଦ ଜମ୍ବୀରାଇ ଗ୍ରାମର ଶଶୀ ଭୂଷଣ ପାତ୍ରଙ୍କ ଘରେ ବୋରିଂ କରି ଫେରୁଥିବା ବେଳେ ବନ୍ୟା ଜଳରେ ଭାସିଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକମାନେ ଖୋଜାଖୋଜି କରି ଅରବିନ୍ଦଙ୍କୁ ପାଣିରୁ ବାହାର କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟ ମାମଲା ରୁଜୁ କରିଛି। ବୋଳଙ୍ଗ ସରପଞ୍ଚ ଗୁନାଧର ମୈକାପ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



ମାଧପୁର ପଞ୍ଚାୟତର କେତେକ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି।

## ପାଣି ଘେରରେ ୧୧ ପଞ୍ଚାୟତ

**ଚାନ୍ଦବାଲି, ୨୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ତଳିଆ ଅଞ୍ଚଳର କେତେକ ପଞ୍ଚାୟତରେ ଶୁକ୍ରବାର ସନ୍ଧ୍ୟାରେ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ଏସବୁ ଅଞ୍ଚଳରେ ଚାଷ ଜମିରେ ବନ୍ୟାଜଳ ଜମି ରହିବା ସହିତ କେତେକ ଗାଁ ପାଣି ଘେରରେ ରହିଛି। ବନ୍ୟାର ପ୍ରକୋପ ଅଧିକ ଥିବା ବେଳେ ରବିବାର ସୁଦ୍ଧା ଏହା ଅନ୍ୟ କେତେକ ଅଞ୍ଚଳକୁ ମାଡିବାର ଆଶଙ୍କା ରହିଛି। ଉପର ମୁଣ୍ଡରେ ବର୍ଷା କାରଣରୁ ସାଳନ୍ଦି ଓ ବୈତରଣୀ ନଦୀରେ ବନ୍ୟା ଆସିବାରୁ ଚାନ୍ଦବାଲି ବ୍ଲକର ତେନ୍ତୁଳିଡିହ, ଭୂଇଁବଡ଼ି ମାଧପୁର, ଘଟପୁର, ଖେରଙ୍ଗ, ନାଳଗୁଣ୍ଡା, ମତୋ, ଭାଟପଡା, ବାଲିଗାଁ, ବଡ ଓସ୍ତିଆ, ମହୁଲିଆ ଭଳି ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇଛି। ତଳିଆ ଅଞ୍ଚଳର କେତେକ ଘରେ ପାଣି ପଶିବାରୁ ସେମାନେ ଘରଛାଡି ଉଚ୍ଚସ୍ଥାନକୁ ଚାଲିଯିବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଉଦ୍ଧାର କାମ ପାଇଁ ଓଡ୍ରାଫ ଓ ଏନଡିଆରଏଫ୍‌ର ଗୋଟିଏ ଲେଖାଏଁ ଟିମ୍ ସେମାନଙ୍କ ସାମଗ୍ରୀ ସହ ଚାନ୍ଦବାଲିରେ ପହଞ୍ଚିଛନ୍ତି। ଏହା ସହିତ ମତୋ–ନାନ୍ଦପୁର, ମତୋ–ମାଧପୁର, ମହୁଲିଆ–ଭୂଇଁବୃତି ଭଳି କେତେକ ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ବିଭିନ୍ନ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହେବାରେ ଲାଗିଛି। କେତେକ ଗାଁ ରାସ୍ତା ଉପରେ ପାଣି ଚାଲିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ‘ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦିଆଯାଉ’

**ବାଲେଶ୍ୱର, ୨୯।୮**

କୋଭିଡ୍–୧୯ ମୁକାବିଲା କ୍ଷେତ୍ରର ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ବର୍ତ୍ତମାନ ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ପରୀକ୍ଷା ବନ୍ଦ କରାଯାଇଛି। ବରିଷ୍ଠ ନାଗରିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପରୀକ୍ଷା କରାଇବାକୁ ଓ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡ଼ି କରାଇବାକୁ ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜରାବ୍ୟାଧି ପାଇଁ ସ୍ୱତନ୍ତ୍ର ୱାର୍ଡ଼କୁ ଅଦ୍ୟାବଧି କାର୍ଯ୍ୟକ୍ଷମ ନ ହେବା, ବନ୍ଦ ହୋଇଥିବା ଜନଔଷଧୀ କେନ୍ଦ୍ରକୁ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ମଧୁବାବୁ ପେନ୍‌ସନ୍ ଯୋଜନାରେ ଜିଲାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନକୁ ତୁରନ୍ତ ବିଚାରକୁ ନେଇ ଭତ୍ତା ପ୍ରଦାନ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ସ୍ୱର୍ଗତ ଭାଗିରଥି ବିଶ୍ୱାଳ, ନିଗମାନନ୍ଦ ପାଣିଗ୍ରାହୀ, ଦୁଲାଲ ଚନ୍ଦ୍ର ଜେନା, ପଦ୍ମଲୋଚନ ଦେ, ଦୟାନିଧି ପ୍ରଧାନ, ପଣ୍ଡିତ ରଘୁନାଥ ଷଡ଼ଙ୍ଗୀ, ପର୍ଶୁରାମ ଜେନା ଓ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ହରମୋହନ ଦାଶ, ଗିରିଶ ଚନ୍ଦ୍ର ଦାଶ, ଅର୍ଚ୍ଚନା ନନ୍ଦୀ, ଦେବବ୍ରତ ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବୈଠକରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

## ୬ ଘଣ୍ଟା ପରେ ଗଛରୁ ଉଦ୍ଧାର ହେଲେ ଯୁବକ

**ଭଦ୍ରକ ଅଫିସ, ୨୯।୮**

ଶୁକ୍ରବାର ଅପରାହ୍ନରେ ବନ୍ୟା ପାଣିରେ ଭାସିଯାଇଥିବା ଜଣେ ଯୁବକ ଏକ ଗଛକୁ ଧରି ୬ ଘଣ୍ଟା ଧରି ରହିଥିଲେ। ଅଗ୍ନିଶମ ବିଭାଗର ଏକ ବୋଟ୍ ଯାଇ ରାତି ପ୍ରାୟ ୧୧ଟାରେ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା।

ଚାନ୍ଦବାଲି ବ୍ଲକ ଆରଡ଼ି ନିକଟ ଦୋହରାପାଟଣା ଗାଁର ପ୍ରତାପ ବାରିକ ଭଦ୍ରକରୁ ଯାଉଥିବା ବେଳେ କୋଠାର ବାଲିଚତରୀ ପୋଲ ନିକଟରେ ଗୋଡ଼ ଖସିଯାଇଥିଲା। ସେ ବନ୍ୟା ସୁଅରେ ଭାସିଯାଇଥିଲେ। ପ୍ରାୟ ଅଧା କି.ମି. ଯିବା ପରେ ଏକ ଗଛକୁ ଧରି ଅଟକି ରହିଥିଲେ। ସେଠାରୁ ପାଖ ଗାଁ ଲୋକଙ୍କୁ ଡାକ ପକାଇଲେ। ହେଲେ ବହୁ କଷ୍ଟରେ କୋଠାର ସରପଞ୍ଚ ଡ. ନିମାଇଁ ନାୟକ ଧାମନଗର ଅଗ୍ନିଶମ ବିଭାଗର ଏକ ବୋଟ୍ ଧରି ରାତି ପ୍ରାୟ ୧୧ଟାରେ ଗଛ ନିକଟରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହେବା ପରେ ଯୁବକ ନୂଆ ଜନ୍ମ ପାଇଲେ ବୋଲି ପ୍ରତିକ୍ରିୟା ରଖିଥିଲେ। ବାବା ଆଖଣ୍ଡଳମଣି ତାଙ୍କୁ ବଞ୍ଚାଇ ଦେଲେ ବୋଲି ସେ କହିଛନ୍ତି।



ପ୍ରତାପ ବାରିକ।

## ଚୋରି ଉଦ୍ୟମ ପଣ୍ଡ, ତୀର ମାଡ଼ରେ ସୁପରଭାଇଜର ଗୁରୁତର

**ଚିତ୍ରଡା, ୨୯।୮ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡା ପୁରୁଣାପାଣି – ଚିଆଁସୀ ନିକଟରେ ଚାଲୁଥିବା ସୁବର୍ଣ୍ଣରେଖା କେନାଲ ନିର୍ମାଣ କାର୍ଯ୍ୟ କ୍ୟାମ୍ପରେ ଶୁକ୍ରବାର କେତେଜଣ ଦୁର୍ବୃତ୍ତ ଚୋରି କରୁଥିବା ବେଳେ ସେହି କ୍ୟାମ୍ପର ସୁପରଭାଇଜର ପ୍ରତିବାଦ କରିବାରୁ ତାଙ୍କୁ ମାରପିଟ୍ କରିବା ସହିତ ତୀର ମାରିଥିବା ମୋରଡ଼ା ଥାନାରେ ଅଭିଯୋଗ ହୋଇଛି। ସୁପରଭାଇଜର ଜଣକ ହେଲେ ଶୁଳିଆପଦା ଥାନା କୁସୁମୀ ଗ୍ରାମର ରତନ କୁମାର ଗିରି।

ରତନଙ୍କ କହିବା ଅନୁଯାୟୀ ଶୁକ୍ରବାର ରାତିରେ କ୍ୟାମ୍ପରେ ଥିବା ସମୟରେ ବାହାରେ କେତେଜଣ ଦୁର୍ବୃତ୍ତ ପାଟିତୁଣ୍ଡ କରିଥିଲେ। କ୍ୟାମ୍ପ ବାହାରେ ବହୁତ ମୂଲ୍ୟବାନ ଜିନିଷ ଥିବାରୁ ସେ ବାହାରକୁ ଆସି ପ୍ରତିବାଦ କରିଥିଲେ। କାମରେ ବାଧା ଦେଲେ ଜୀବନରୁ ମାରିଦେବେ ବୋଲି ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ହେଲେ ସୁପରଭାଇଜର ସ୍ଥାନ ଛାଡି ନ ଯିବାରୁ କିଛି ସମୟ ପରେ ସେହି ଦୁର୍ବୃତ୍ତମାନଙ୍କ ମଧ୍ୟରୁ କେହି ଜଣେ ତାଙ୍କୁ ଲକ୍ଷ୍ୟ କରି ତୀର ଚଳାଇଥିଲେ ଏବଂ ତୀର ଯାଇ ତାଙ୍କର ଡାହାଣ ହାତରେ ଲାଗିଥିଲା। ଦୁର୍ବୃତ୍ତମାନେ ସେଠାରୁ ପଳାଇଯାଇଥିଲେ। ସୁପରଭାଇଜର ତାଙ୍କର ମାଲିକ ରାଜେନ୍ଦ୍ର ଗୁପ୍ତାଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଇବା ପରେ ସେ ରାତିରେ ଉକ୍ତ କ୍ୟାମ୍ପରେ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରି ବାରିପଦାସ୍ଥିତ ପିଆରଏମ ମେଡିକାଲ ରେ ଭର୍ତ୍ତି କରାଇଥିଲେ।

## ଜେଇଇ, ଏନ୍‌ଇଇଟି ପରୀକ୍ଷା ଘୁଞ୍ଚାଇବାକୁ ଦାବିପତ୍ର

**ବାଲେଶ୍ୱର ଅଫିସ, ୨୯।୮**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୬ତାରିଖଠାରୁ ଜେଇଇ ଏବଂ ଏନ୍‌ଇଇଟି ପ୍ରବେଶିକା ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଛି। କରୋନା ମହାମାରୀ ସାଙ୍ଗକୁ ଓଡ଼ିଶା ସମେତ ୪ଟି ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ଆସିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ଯୁବକଂଗ୍ରେସ ସଭାପତି ଇଂ. ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କରୋନା ମହାମାରୀ କଟକଣା ଏବଂ ପ୍ରଳୟଙ୍କରୀ ବନ୍ୟା ପରିପ୍ରେକ୍ଷୀରେ ପରୀକ୍ଷା ଆଉ କିଛିମାସ ଘୁଞ୍ଚାଇବାକୁ ଦାବି କରାଯାଇଛି। ସମଗ୍ର ଓଡ଼ିଶାରେ ୭ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ପରୀକ୍ଷାର୍ଥୀମାନେ ଗୋଟିଏ ଦିନରେ ପରୀକ୍ଷା ଦେଇ ଘରକୁ ଫେରିବା ଅସମ୍ଭବ। ଏହା ସହିତ ପ୍ରତ୍ୟେକ ଜିଲାରେ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

ସମ୍ପ୍ରତି କରୋନା ମହାମାରୀ ଯୋଗୁ ଟ୍ରେନ୍, ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ରାତ୍ରିକାଳୀନ କର୍ଫ୍ୟୁ ପ୍ରଶାସନ ଜାରି କରିଥିବାରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯାତାୟାତ କରିବା କଷ୍ଟକର ହେବ। ଏଥିସହିତ ହୋଟେଲ୍ ଓ ଲଜ୍ ବନ୍ଦ ରଖାଯାଇଥିବାରୁ ପିଲାମାନେ ଗୋଟିଏ ଦିନ ଆଗରୁ ପରୀକ୍ଷା କେନ୍ଦ୍ରକୁ ଯିବା ମଧ କଷ୍ଟକର। ଏହି ପରିପ୍ରେକ୍ଷୀରେ ପରୀକ୍ଷା ଘୁଞ୍ଚାଇବାକୁ ଦଳ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ନଗର କଂଗ୍ରେସ କମିଟି ସଭାପତି ପଦ୍ମଲୋଚନ ଲେଙ୍କା, କୃଷ୍ଣଗୋପାଳ ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି, ତୁଷାରକାନ୍ତି ତପସ୍ୱୀ, ଜୀବନ ମହାପାତ୍ର, ପ୍ରଦେଶ ଛାତ୍ରକଂଗ୍ରେସ ପୂର୍ବତନ ସଂଯୋଜକ ଗୌତମ ସାହୁ, ଆଦର୍ଶ ଗୌରବ ଦାସ, ବିଜୟ ମହାପାତ୍ର, ସରୋଜ ଲେଙ୍କା, ନୀଳଗିରିର ଯୁବନେତା ନିଗମ ମହାପାତ୍ର, ପର୍ଶୁରାମ ବାରିକ ଏବଂ ହାତୁ ମୁସ୍ତାଫିଜ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଜିଲା ଯୁବ କଂଗ୍ରେସର ସଦସ୍ୟ।

